## କରୋନା ସଂକ୍ରମଣ ସ୍ଥିତି

ଗୁରୁବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୦୮,୮୭,୦୯୭ | ୭,୪୮,୬୬୦ | ୧,୩୭,୭୨,୨୫୯ |
| ଭାରତ | ୨୪,୩୪,୮୫୩ | ୪୭,୬୪୨ | ୧୭,୨୬,୦୩୭ |
| ଓଡ଼ିଶା | ୫୨,୬୫୩ | ୩୧୪(+୫୩) | ୩୭,୯୦୧ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ମୋନାଲିସାଙ୍କୁ ସରକାରଙ୍କ ସହାୟତା

**ଭୁବନେଶ୍ୱର,୧୩।୮(ବ୍ୟୁରୋ):** କର୍କଟରେ ପୀଡ଼ିତ ସତ୍ତ୍ୱେ ବାମ ହାତରେ ଲେଖି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବାଲେଶ୍ୱରର ମେଧାବୀ ଛାତ୍ରୀ ମୋନାଲିସାଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସହାୟତା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ବିଡିଓ ମୋନାଲିସାଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ଅଣାଯାଇ ଚିକିତ୍ସା ଆରମ୍ଭ କରାଯାଇଛି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମୋନାଲିସାଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।





ପୁଣି ଥରେ ସଫଳତାର ଶୀର୍ଷରେ
ନିଷ୍ଟ +୨ ଆବାସିକ ମହାବିଦ୍ୟାଳୟ

240 Highest No. of First Class

NIST HIGHER SECONDARY SCHOOL
A HIGH PROFILE +2 SCIENCE & ARTS RESIDENTIAL COLLEGE
Excellent CHSE Result - 2020
Recognised by Govt. of Odisha & Affiliated to CHSE

TOPPER 1 RAJESH 530 (Phy - 99, Chem - 96, Math - 94, Bio - 97, MIL (O)- 91, Eng - 53)
TOPPER 2 SUCHISMITA 528 (Phy - 96, Chem - 93, Math - 97, Bio - 96, MIL (O)- 85, Eng - 61)

JAYASHREE 518, RUPESH 513, KARTTICK 512, MUKESH 511, AISHWARYA 511, HIMANSHU 507, PARAMESWAR 505, PRAGYAN 503, SUBHRANSU 501

PADMALOCHAN 499, HARSHITA 498, SATYAPRAKASH 498, TANMAY 497, GAYATRI 497, SURYAKANTA 496, SANTOSH 496, SPANDAN 494, IPSITA 490, SHIBA 489, JYOTIREKHA 488, RAJESH 488, SWARNA PR. 487
DHARMENDRA 487, GOUTAM 485, BALARAM 483, SATYAPRAKASH 479, ANKITA 477, AMITAV 476, ANINDITA 476, JAGANNATH 475, MADHUSMITA 474, DEBASIS 473, SHEETAL 473, SAMEER 471, JIBAN 469
SASMITA 468, PRIYANKA 467, JAYASHREE 467, SEEMASHREE 466, HIMANSHU 466, CHINMAY 465, HAREKRUSHNA 465, DEBASHIS 462, CHINMAYEE 462, SAISRIYA 462, ASHISH 461, SURYAKANTA 461, KRUSHNAMAYEE 459
ADITYA 456, SASMITA 455, HRUDAY 455, SUBRAT 455, PRIYANKA CH. 455, SARTHAK 451, ABHIJIT 450, BISWAJIT 448
DEBASMITA 447, ARCHANA 447, SUDEEPTA 446, SK. NISAR 445, ASIT 444, SABYASACHI 444, DAYANANDA 444
And so on...

NIST MAKES REAL HEROES

| Name of the students | Marks in 10th | Marks secured in +2 Science | Name of the students | Marks in 10th | Marks secured in +2 Science |
|---|---|---|---|---|---|
| Subhransu S. Nayak | 480 | 501 | Santosh Patra | 420 | 496 |
| **Jayashree Parida** | **469** | **518** | Debasish Das | 424 | 473 |
| Mukesh Jena | 462 | 511 | Dharmendra Behera | 441 | 487 |
| Karttick Ch. Patra | 434 | 512 | Ankita Parida | 452 | 477 |
| Aishwarya Das | 442 | 511 | Amitav Mallick | 454 | 476 |
| Rajesh Kumar Rout | 386 | 488 | Gayatri Panigrahi | 488 | 497 |
| Priyanka P. Dash | 420 | 467 | Harshita Panda | 494 | 498 |
| | | | SK Nisar Ahammad | 396 | 445 |

100% Result in +2 Arts in 2019
Stay Home Stay Safe

NIST Achivers in MEDICAL & JEE

EXCELLENT CHSE RESULT FROM 2015 TO 2020

| Year | Appeared | Passed | Result | 1st Div. | 2nd Div. | 3rd Div. |
|---|---|---|---|---|---|---|
| 2015 | 94 | 94 | 100% | 58 | 33 | 3 |
| 2016 | 128 | 127 | 99.9% | 75 | 50 | 2 |
| 2017 | 209 | 208 | 99.9% | 123 | 79 | 6 |
| 2018 | 265 | 264 | 99.9% | 167 | 96 | 1 |
| 2019 | 330 | 327 | 99.3% | 206 | 105 | 16 |
| 2020 | 344 | 341 | 99.1% | 240 | 92 | 9 |

Call : (06782) 261140, 9437266065, 9437147709, 9437264995, 8249075590
Nalamganj, Balasore, E-mail : nist923@gmail.com | Visit us at : nistresidentialcollege.in



## ଶନିବାର ୧୧ଟା ଯାଏ ଶଟ୍‌ଡାଉନ୍‌ରେ କୋହଳ

ରାୟଗଡା ଅଫିସ: କୋରନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ରାୟଗଡ଼ା ଜିଲାରେ ସପ୍ତାହାନ୍ତ ଶନିବାର ଓ ରବିବାର ଶଟ୍‌ଡାଉନ୍ ଜାରି ରହିଛି। ତେବେ ସ୍ୱାଧୀନତା ଦିବସ ପାଳନ ପାଇଁ ଶନିବାର ଦିନ ୧୧ଟା ଯାଏ ଏହି କଟକଣାକୁ କୋହଳ କରାଯାଇଛି। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସମୟ ମଧ୍ୟରେ ସମସ୍ତ ଅନୁଷ୍ଠାନରେ ୧୦ ଜଣ ବ୍ୟକ୍ତିଙ୍କୁ ନେଇ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେବଳ କ୍ଷୀର, ଔଷଧ, ରନ୍ଧନ ଗ୍ୟାସ, ପେଟ୍ରୋଲ ପମ୍ପ ଓ ଗ୍ୟାରେଜ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବ।

## ସଂକ୍ଷେପରେ

### +୨ବିଜ୍ଞାନ ପରୀକ୍ଷାରେ ସିତମ କଲେଜକୁ ସଫଳତା

ସେମିଲିଗୁଡା,୧୩।୮(ସ୍ୱ.ପ୍ର.)- ବୁଧବାର ପ୍ରକାଶ ପାଇଥିବା ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳାଫଳରେ ସେମିଲିଗୁଡାସ୍ଥିତ ସିତମ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟକୁ ସଫଳତା ମିଳିଛି। ଏହି ଯୁକ୍ତ ୨ ବିଜ୍ଞାନ କଲେଜର ଶତ ପ୍ରତିଶତ ଛାତ୍ରୀଛାତ୍ର କୃତିତ୍ୱର ସହ ପାସ୍ କରିଛନ୍ତି। କଲେଜର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୩୦ ଜଣ ଛାତ୍ରୀଛାତ୍ର ଚଳିତବର୍ଷ ପରୀକ୍ଷା ଦେଇଥିଲେ। କଲେଜରେ ଗୁଣାତ୍ମକ ଶିକ୍ଷାଦାନ ଓ ଛାତ୍ରୀଛାତ୍ରଙ୍କ ନିଷ୍ଠାପର ଅଧ୍ୟୟନ ଯୋଗୁ କଲେଜ ଏପରି ଫଳାଫଳ କରିଥିବା ଅଧକ୍ଷ ମହେଶ୍ୱର ପାଣିଗ୍ରାହୀ କହିଛନ୍ତି।

### ନବରଙ୍ଗପୁରରୁ ୧୮ ଆକ୍ରାନ୍ତ

ନବରଙ୍ଗପୁର,୧୩।୮(ବି.ପ୍ର.)-ନବରଙ୍ଗପୁର ଜିଲାରେ ଗୁରୁବାର ୧୮ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକରୁ ୧୪, ନବରଙ୍ଗପୁର ପୌରାଞ୍ଚଳ, ବ୍ଲକ ଓ ଉମରକୋଟ ଓ କୋଷାଗୁମୁଡ଼ାରୁ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୩୯ରେ ପହଞ୍ଚିଛି। ସେଥିମଧ୍ୟରୁ ୩୩୫ ଜଣ ସୁସ୍ଥ ହୋଇଛନ୍ତି। ୫୨ ଜଣ ଘରେ ଚିକିତ୍ସିତ ହେଉଛନ୍ତି। ଅନ୍ୟମାନେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଛନ୍ତି। ଗୋଟିଏ ଦିନରେ ୨୦୪୪ ସ୍ୱାବ୍ ପରୀକ୍ଷା କରାଯାଇଛି ବୋଲି ସୂଚନା ମିଳିଛି।

### ଦୁଇ ଅଞ୍ଚଳ ଶଟ୍‌ଡାଉନ କଲେ ସରପଞ୍ଚ

କୋଷାଗୁମୁଡ଼ା, ୧୩।୮(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାମୁଣୀ ପଞ୍ଚାୟତର ବିଗୁମଣ୍ଡଳୀ ଓ ଖଣ୍ଡିଗୁଡ଼ା ଗାଁକୁ ଗୁରୁବାରରୁ ୭ଦିନ ପର୍ଯ୍ୟନ୍ତ ସରପଞ୍ଚ ଚିନ୍ତାମଣି ମାଝି ଶଟ୍‌ଡାଉନ ଘୋଷଣା କରିଛନ୍ତି। ବିଗୁମଣ୍ଡଳୀ ଗାଁର ଜଣେ ବ୍ୟକ୍ତିଙ୍କଠାରେ ପଜିଟିଭ ବାହାରିବା ପରେ ଦୁଇଟି ଗାଁକୁ ଶଟ୍‌ଡାଉନ କରାଯାଇଛି। ଏହି ସମୟରେ କିନ୍ତୁ ଆମ୍ବୁଲାନ୍ସ, ଔଷଧ ଦୋକାନ ଓ ଆମ୍ବୁଲାନ୍ସ ସେବା ଚାଲିବ। ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରପଞ୍ଚ କହିଛନ୍ତି।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ଗୁଣପୁର,୧୩।୮(ଡି.ଏନ୍.ଏ): ବେଆଇନ ବାଲିଚାଲାଣ ବେଳେ ଗୁରୁବାର ଗୁଣପୁର ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ୨ଟ୍ରାକ୍ଟର ଜବତ କରିଛନ୍ତି। ଦୁର୍ଗାନିଗୁଡ଼ା ବାଲି ପଠାରୁ ବାଲି ଚାଲାଣ କରାଯାଉଥିଲା। ସୂଚନା ପାଇ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଦୁଇ ଗାଡ଼ି ମାଲିକଙ୍କ ନିକଟରୁ ମୋଟ ୨୦ହଜାର ୨୧୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।

### ବାପନପାଲି ପଞ୍ଚାୟତ ଶଟ୍‌ଡାଉନ

ପଡିଆ,୧୩।୮(ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ବାପନପାଲି ପଞ୍ଚାୟତ ସଦର ଗ୍ରାମରୁ ୨ ଏବଂ ଗଠନପାଲି ଗ୍ରାମରୁ ଗୁରୁବାର ୫ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ସରପଞ୍ଚ ନର୍ମଦା କାମରାମି ୩ ଦିନ ପାଇଁ ପଞ୍ଚାୟତକୁ ଶଟଡାଉନ ଘୋଷଣା କରିଛନ୍ତି। ବର୍ଷା ଜାରି ରହିଥିବାରୁ ସମ୍ପୃକ୍ତ ଗ୍ରାମକୁ ସାନିଟାଇଜ କରାଯାଇପାରିନି। ବର୍ଷା ଛାଡିଲେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି।

# ମାଲକାନଗିରି ଜିଲାରେ ବନ୍ୟା ସ୍ଥିତି

ମାଲକାନଗିରି/କାଲିମେଳା, ୧୩।୮ (ଡି.ଏନ୍.ଏ.)



ପ୍ରବଳ ବର୍ଷାରେ ବୁଧବାର ରାତିରେ ମାଲକାନଗିରି ଜିଲା କାଲିମେଳା ବ୍ଲକ ବେଜିଙ୍ଗୱାଡା ପଞ୍ଚାୟତର ଏମପିଭି-୨୦ସ୍ଥିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ରାସ୍ତା ଧୋଇ ହୋଇଯାଇଛି।

- ଅଧିକାଂଶ ପୋଲ ଉପରେ ଚାଲିଛି ବନ୍ୟାଜଳ
- ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର
- କାଲିମେଳାରେ ରାସ୍ତା ଧୋଇ ହୋଇ ଯୋଗାଯୋଗ ବିଚ୍ଛିନ୍ନ

ମାଲକାନଗିରି ଜିଲାରେ ଗତ ୫ ଦିନ ଧରି ପ୍ରବଳ ବର୍ଷା ହେବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୧୫ଟି ଅସ୍ଥାୟୀ ଆଶ୍ରୟସ୍ଥଳ ଖୋଲାଯାଇଛି। କାଲିମେଳା ଓ ପଡିଆ ବ୍ଲକର ୧୭ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିଛି। ସାବେରୀ ନଦୀରେ ବନ୍ୟା ଜଳ ଆସି ପଡିଆ ବ୍ଲକର କନ୍ୟାଶ୍ରମ ପୋଲ ଉପରେ ୫ ଫୁଟ ଏବଂ ମ୍.ଭି.-୯୭, କାଙ୍ଗୁରୁକୋଣ୍ଡା, ପୋଟେରୁ ପୋଲ ଉପରେ ୪ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। କୋରୁକୋଣ୍ଡା, ଏମ୍.ଭି.-୩୭ ପୋଲ ଉପରେ ମଧ୍ୟ ପାଣି ଚାଲିଛି। ଫଳରେ ପଡିଆ ବ୍ଲକ ସହ ମାଲକାନଗିରିରୁ ମୋଟୁ ଏବଂ ମାଲକାନଗିରିରୁ ବାଲିମେଳା ଯୋଗାଯୋଗ ବିଚ୍ଛିନ୍ନ ରହିଛି। ମାଥିଲି-ତେନ୍ତୁଲିଗୁମା ରାସ୍ତାରେ କୋଲାବ ଜଳ ପ୍ରବେଶ କରି ଖଇରପୁଟ ସଦର ବ୍ଲକର ମାଝିଗୁଡା, କେନ୍ଦୁଗୁଡା, ଗମ୍ଭାରିଗୁଡାକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରିଛି। ପରିସ୍ଥିତି ଉପରେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ନଜର ରଖିଥିବା ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଜିଲାର ସମସ୍ତ ବ୍ଲକର ଜଳମଗ୍ନ ଅଞ୍ଚଳରେ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ସେମାନଙ୍କୁ ଖାଦ୍ୟପାନୀୟ ଯୋଗାଇ ଦେବାକୁ କୁହାଯାଇଛି। ଖଇରପୁଟ ବ୍ଲକର ମୁଦୁଲିପଡା, ଅଣ୍ଡ୍ରାହାଲ, ମାଥିଲି ବ୍ଲକର କର୍ତନପାଲି, ପଡିଆ ବ୍ଲକର ପୁଷୁଗୁଡା ଅଞ୍ଚଳରେ ରନ୍ଧା ଖାଦ୍ୟ ଯୋଗାଣ ହେଉଥିବା ଜିଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଓଡ୍ରାଫର ଏକ ୧୭ ଜଣିଆ ଟିମ୍ ଏୟାର ବୋଟ ଜରିଆରେ ଜଳବନ୍ଦୀ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି। ଅଗ୍ନିଶମ ବିଭାଗ ଏବଂ ସବୁ ବ୍ଲକର ବିଡିଓ ତହସିଲଦାରଙ୍କୁ ନେଇ ସ୍ୱତନ୍ତ୍ର ରାପିଡ୍ ଆକ୍ସନ ଫୋର୍ସ ଗଠନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜରୁରିକାଳୀନ ବିଭାଗରେ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ଖୋଲାଯାଇଥିବା ଜିଲା ଜରୁରିକାଳୀନ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି। କାଲିମେଳାରେ ପ୍ରବଳ ବର୍ଷାରେ ବେଜିଙ୍ଗୱାଡା ପଞ୍ଚାୟତର ଏମପିଭି-୨୦ସ୍ଥିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ହୋଇଥିବା ରାସ୍ତା ଧୋଇ ହୋଇଯାଇଛି। ଫଳରେ ୭ଟି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ରାସ୍ତା ନିର୍ମାଣ କରୁଥିବା ଠିକାଦାର ପୋଲ ନିର୍ମାଣ ନ କରି କେବଳ ସିମେଣ୍ଟ ପାଇପ ବସାଇ ତା' ଉପରେ ମାଟି ପକାଇ ଅଧାରେ କାମ ବନ୍ଦ କରି ଦେଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘର ଭାଙ୍ଗିଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି।

## ଜେଜେ ମା'ଙ୍କ ମୃତ୍ୟୁ:୪ ଶିଶୁ ହୋଇଗଲେ ଅନାଥ

କୁନ୍ଦୁରା,୧୩।୮(ଡି.ଏନ.ଏ.)

**ପୂର୍ବରୁ ମାଆବାପାଙ୍କ ମୃତ୍ୟୁ ହୋଇଥିଲା**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ଖିଲପୁଟ ଗ୍ରାମରେ ଜେଜେ ମା'ଙ୍କ ପାଖରେ ୪ ଭଉଣୀଭାଇ ରହୁଥିଲେ। ପୂର୍ବରୁ ସେମାନଙ୍କ ମା'ବାପାଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁବାର ଜେଜେମା' ପଦ୍ମା ପରଜାଙ୍କ ମୃତ୍ୟୁ ହୋଇଯାଇଛି। ଫଳରେ ଏହି ୪ ଭଉଣୀଭାଇ ଅନାଥ ହୋଇଯାଇଛନ୍ତି। ସେମାନେ ହେଲେ ରିଙ୍କି ପରଜା(୧୦),ଈଶ୍ୱର ପରଜା(୮), ସଭାପତି ପରଜା (୬) ଓ ଶଙ୍କର ପରଜା (୪)। ରିଙ୍କି ତୃତୀୟ ଶ୍ରେଣୀରେ,ଈଶ୍ୱର ଦ୍ୱିତୀୟ ଶ୍ରେଣୀରେ, ସଭାପତି ପ୍ରଥମ ଶ୍ରେଣୀରେ ଓ ଶଙ୍କର ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିଲେ। ପଦ୍ମା ଦୀଘ ଦିନ ଧରି ଶର୍ଯାଶାୟୀ ଥିଲେ। ଏହି ୪ ଭଉଣୀଭାଇ ଚଳିବାରେ ଭାରି କଷ୍ଟ ପାଉଥିଲେ। ଗ୍ରାମବାସୀ କେବେ କେମିତି ସେମାନଙ୍କୁ ଖାଇବାକୁ ଦେଉଥିଲେ। ପିଲାମାନଙ୍କ ମାଆବାପା ଚାଲିଯିବା ପରେ ଏ ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ପଦ୍ମାଙ୍କ ପରିବାରକୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ନ ଥିଲା। ପଦ୍ମାଙ୍କ ମୃତ୍ୟୁ ଖବର ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ଗାୟତ୍ରୀ ଦେବୀ ଜାଣିବା ପରେ ସେ ଏ ସମ୍ପର୍କରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଅବଗତ କରାଇଥିଲେ। ସମ୍ପୃକ୍ତ ଶିଶୁମାନଙ୍କୁ ଗ୍ରାମରୁ ଉଦ୍ଧାର କରି ତୁରନ୍ତ ଥଇଥାନ କରିବାକୁ ଜିଲାପାଳ ଡିସିପିଓ ରାଜଶ୍ରୀ ଦେବୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଘଡ଼େଇ ଆବାସିକ ମହାବିଦ୍ୟାଳୟ ଛାତ୍ରୀ ଶୁଭସ୍ମିତା ଜିଲା ଟପ୍ପର



ଛାତ୍ରୀ ଶୁଭସ୍ମିତାଙ୍କୁ ଏମ୍‌ଡି ସୁରେଶ ଚନ୍ଦ୍ର ଘଡ଼େଇ ଶୁଭେଚ୍ଛା ଜଣାଉଛନ୍ତି।

ମାଲକାନଗିରି,୧୩।୮(ଡି.ଏନ୍.ଏ.)

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ମାଲକାନଗିରି ଜିଲାରେ ଘଡେଇ ଆବାସିକ ମହାବିଦ୍ୟାଳୟ ଆଗୁଆ ରହିଥିବା ଜଣାପଡିଛି। ଏହି ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ନାୟକ ୪୯୫ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟର ୨୧୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ପ୍ରଥମ ଶ୍ରେଣୀରେ ୭୩ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୭୭ ଜଣ ଓ ତୃତୀୟ ଶ୍ରେଣୀରେ ୫୧ ଜଣ ପାସ୍ କରିଛନ୍ତି। ଅର୍ପିତା ବରାଳ, ଜୟଦେବ ଢାଲି, ଜ୍ୟୋସ୍ନାରାଣୀ ଗଉଡ଼, ଶିବ ହରିଜନ, ତୁଷାର ମଣ୍ଡଳ ପ୍ରମୁଖ ଛାତ୍ରୀଛାତ୍ରମାନେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ପାସ୍ କରିଛନ୍ତି। ମହାବିଦ୍ୟାଳୟରେ ସମୁଦାୟ ପାସ୍ ହାର ୯୨ ପ୍ରତିଶତ ରହିଛି। ଏମ୍‌ଡି ସୁରେଶ ଚନ୍ଦ୍ର ଘଡେଇ, ଅଧକ୍ଷ ଡାନିଏଲ ସରକାର, ଅଧ୍ୟାପକ ସତ୍ୟବ୍ରତ ସାମଲ, ଲିଙ୍ଗରାଜ ଭୂୟାଁଙ୍କ ସହ ଅଧ୍ୟାପିକା, ଅଧ୍ୟାପକମାନେ ମହାବିଦ୍ୟାଳୟର ସଫଳତାରେ ଖୁସି ପ୍ରକାଶ କରିଛନ୍ତି।

## ମାଲକାନଗିରି, କୋରାପୁଟ ଜିଲାରେ ହେବ ବୃହତ୍ ପାନୀୟ ଜଳ ପ୍ରକଳ୍ପ

କୋରାପୁଟ/ମାଲକାନଗିରି, ୧୩।୮(ସ୍ୱ.ପ୍ର.)

କୋରାପୁଟ ଜିଲାର ବୈପାରିଗୁଡ଼ା ବ୍ଲକ ଅଞ୍ଚଳରେ ଏକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହେବ। ଏନେଇ ରାଜ୍ୟ ସରକାର ଘୋଷଣା କରିଥିବା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ରଘୁରାମ ପଡ଼ାଲ ସୂଚନା ଦେଇଛନ୍ତି। ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇ ଉଭୟେ କହିଛନ୍ତି ଯେ, ଏହି ମେଗା ପ୍ରକଳ୍ପ ଦ୍ୱାରା କୋରାପୁଟ ଜିଲାର ବୈପାରିଗୁଡ଼ା ବ୍ଲକର ୧୪ଟି ପଞ୍ଚାୟତର ୨୨୫ଟି ଗ୍ରାମର ୧ ଲକ୍ଷ ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ସେହିପରି ଅନ୍ୟ ଏକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଲକାନଗିରି ଜିଲାରେ ହେବ। ଏହାଦ୍ୱାରା ମାଲକାନଗିରି ଓ କାଲିମେଳା ବ୍ଲକର ୧୦ଟି ପଞ୍ଚାୟତର ୧୪୯ଟି ଗ୍ରାମର ୫୬ ହଜାର ୨୦୦ ଲୋକ ଉପକୃତ ହେବେ। ଏହି ଦୁଇ ପ୍ରକଳ୍ପରେ ୨୫୮.୬୭ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ବ୍ୟୟ ଅଟକଳ ହୋଇଥିବା ପଡ଼ାଲ କହିଥିଲେ। ଅନ୍ୟପକ୍ଷରେ ମାଲକାନଗିରି ଜିଲାରେ ଏହି ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଜିଲାବାସୀ ଆଶା ପ୍ରକଟ କରିଛନ୍ତି। ପ୍ରକଳ୍ପ ଯୋଗୁ ଜିଲାରେ ରହିଥିବା ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ ବୋଲି ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଦୁଇ ବୃହତ୍ ପାନୀୟ ଜଳ ପ୍ରକଳ୍ପ ନେଇ ଘୋଷଣା କରାଯାଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ଜିଲା ଉପସଭାପତି ଉତ୍କଳ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଲଗାଣ ବର୍ଷାରେ ଭାଙ୍ଗିଲା ଘର, ପାଚେରି

ଚିତ୍ରକୋଣ୍ଡା,୧୩।୮(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ବ୍ଲକରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପାଚେରି ସହ ଅନେକ ସ୍ଥାନରେ ଘର ପାଚେରି ଓ କାନ୍ଥ ଭୁଶୁଡ଼ି ପଡିଥିବା ଦେଖିବାକୁ ମିଳିଛି। ଚିତ୍ରକୋଣ୍ଡା ସହରରେ ଡ୍ରେନ୍ ନ ଥିବାରୁ ଅଳିଆ, ଆବର୍ଜନା ରାସ୍ତା ଉପରେ ଜମି ରହିଛି। ପଞ୍ଜାବୀ ଛକ, କଲୋନୀ ଭିତର ରାସ୍ତାରେ ପାଣି ଚାଲିଛି। ଅତ୍ୟଧିକ ବର୍ଷା ପବନ ଯୋଗୁ ଟନେଲ କ୍ୟାମ୍ପ ନିକଟରେ ଗଛ ପଡି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ି ବୁଧବାର ରାତି ୮ଟାରୁ ଦୀର୍ଘ ୧୭ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ନ ଥିଲା। ବିଏସ୍‌ଏନ୍‌ଏଲ୍ ଟାୱାର ମଧ୍ୟ କାର୍ଯ୍ୟ କରୁ ନ ଥିଲା।

## ଏସ୍‌ପି, ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ନବରଙ୍ଗପୁର,୧୩।୮(ବି.ପ୍ର.)



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ନବରଙ୍ଗପୁର ଜିଲା ଅନୁସୂଚିତ ଜାତି, ଜନଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ଏକତା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜିଲାରେ ସାମ୍ପ୍ରଦାୟିକ ଦଙ୍ଗା ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ଏଥିରେ ଉଲ୍ଲେଖ ରହିଛି। ଏହାର ଏକ ନକଲ ନବରଙ୍ଗପୁର ଏସ୍‌ପିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଏହାପରେ ସଂଘ ପକ୍ଷରୁ ସ୍ଥାନୀୟ ଦଳିତ ପାଠାଗାରରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଗତ କିଛିଦିନ ହେବ ଜିଲାରେ ଧର୍ମକୁ ନେଇ ରାଜନୀତି କରାଯିବାକୁ ଚେଷ୍ଟା ଚାଲିଛି ବୋଲି ସଂଘର ଲଳିତ ମୋହନ ନାୟକ ଖବରଦାତା ସମ୍ମିଳନୀରେ କହିଥିଲେ। ଅଗଷ୍ଟ ୫ ତାରିଖରେ ଏକ ଧର୍ମାନୁଷ୍ଠାନରେ ପତାକା ଲଗାଯାଇଥିଲା। ଅନ୍ୟ ଏକ ଧର୍ମର ବ୍ୟଙ୍ଗ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏ ଦୁଇଟି ଘଟଣାକୁ ନେଇ ଉମରକୋଟ ଓ ନବରଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଛି। ବିଭେଦ, ସାମ୍ପ୍ରଦାୟିକ କଳହକୁ ଏକତା ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ଜିଲାରେ ଶାନ୍ତି ବଜାୟ ରଖିବାକୁ ଚେଷ୍ଟା କରାଯିବ। ସମସ୍ତେ ସମ୍ବିଧାନ ମଧ୍ୟରେ ରହି କାର୍ଯ୍ୟ କରିବାକୁ ଚନ୍ଦ୍ରଧ୍ୱଜ ମାଝି କହିଛନ୍ତି। ଖବରଦାତା ସମ୍ମିଳନୀରେ ଭଗବାନ ବୈରାଗୀ, ଦିବ୍ୟଦାନ ସୁନା, ସୁନାମ ପାତ୍ର ସୁନା, ଫଇଜଲ କାଦରୀ, ତାଜ ଇମ୍ରାନ ସରିଫ, ସାକୁର ଆରବି, ସାହାଜାଦ ଖାନ, ଅବଦୁଲ ସାତର ମୁଲ୍ଲା, ରିଜିବାନ ଖାନ, ଯିହୋଲ୍ଲାସ କର, ଶିଶିର ପରିଛା, ଜଗନ୍ନାଥ ବାଗ, ଦିବାକର ପୂଜାରୀ, ଅର୍ଜୁନ ଭତରା ଓ ସୁଧୀର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୪କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ: ୫ ଗିରଫ

ଦାମନଯୋଡି,୧୩।୮(ଡି.ଏନ.ଏ.)

ଗଞ୍ଜେଇ ଚୋରା ଚାଲାଣ ବେଳେ ଧରାପଡିଛି। ୪କୁଇଣ୍ଟାଲ ୫୩ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏମସି ମଣିକଣ୍ଠା, ପ୍ରଦୀପ ଜେନା, ରିଜଭନ୍, ମହମ୍ମଦ ଅଲ୍ଲି ଓ ମିଥିଲେଶ କୁମାର ଦୁବେ। ମହମ୍ମଦ ଓ ମିଥିଲେଶଙ୍କ ଘର ଉତ୍ତର ପ୍ରଦେଶରେ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ଏକ ଅନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣକାରୀ ଦଳ ଗଞ୍ଜେଇ ଚାଲାଣ କରୁଥିବା ଖବର ପାଇ ଦାମନଯୋଡି ପୋଲିସ ମଟିମୋଳ ଛକଠାରେ କଡାକଡି ଯାଞ୍ଚ କରିଥିଲା। ଏହି ସମୟରେ ଏକ ବୁଲେଟ୍ ଏକ ଟ୍ରକ ଓ କାର (ଓଡି ୩୩ ସି ୧୪୮୫)କୁ ସୁରକ୍ଷା ଦେଇ ଆଣୁଥିବା ପୋଲିସ ଦେଖିବାକୁ ପାଇ ଅଟକାଇଥିଲା। ଗାଡିଗୁଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା।

## ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଲୁଟ ମାମଲା, ୪ ଗିରଫ

ଜୟପୁର, ୧୩।୮(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ସଦରଥାନା ପୋଲିସ ପକ୍ଷରୁ ଏକ ଘରୋଇ ମାଇକ୍ରୋ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ଆକ୍ରମଣ ଏବଂ ଲୁଟ ମାମଲାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଲୁଟ ସାମଗ୍ରୀ ଏବଂ ୭ହଜାର ଟଙ୍କା ଉଦ୍ଧାର ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଙ୍କଡାହାଣ୍ଡି ଗ୍ରାମର ମଦନ ଓରଫ ମୟୁର ବାରିକ, ରଘୁ ବାରିକ, ଘାସି ବାରିକ, ମନୋଜ ଓରଫ ତାଣ୍ଡି ଜାନି (୧୮)। ୫ ତାରିଖ ରାତି ସାଢେ ୭ଟାରେ ଫାଇନାନ୍ସ କମ୍ପାନୀର କର୍ମଚାରୀ ମନୋଜ ଚକ୍ରବର୍ତ୍ତି ବଡଜିଉନା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଋଣ ନେଇଥିବା ଲୋକଙ୍କଠାରୁ ଟଙ୍କା ଆଦାୟ କରି ବାଇକ୍‌ରେ ଫେରୁଥିବା ବେଳେ କଙ୍କଡାହାଣ୍ଡି ଏବଂ ଡିବିରିଗୁଡାଠାରେ ଏହି ୪ଜଣ ଅଭିଯୁକ୍ତ ତାଙ୍କୁ ଅଟକାଇ ମାଡ ମାରିବା ସହିତ ଟଙ୍କା, ଟେବଲେଟ, ଫିଙ୍ଗର ପ୍ରିଣ୍ଟିଂ ମେଶିନ, ମୋବାଇଲ ଲୁଟି ନେଇଥିଲେ।

## ସିନେମାରେ ଅଶ୍ଳୀଳ ଚିତ୍ର ସହ ହିନ୍ଦୁ ଦେବଦେବୀଙ୍କ ନାମ ବ୍ୟବହାରକୁ ବିରୋଧ

ନବରଙ୍ଗପୁର,୧୩।୮(ବି.ପ୍ର.)

**ନବରଙ୍ଗପୁର ଥାନାରେ ଏତଲା ଦେଲା ହିନ୍ଦୁ ଏକତା ବାହିନୀ**

ରାମଗୋପାଳ ବର୍ମାଙ୍କ ଥ୍ରୀଲର ସିନେମା ଟ୍ରେଲରରେ ଅଶ୍ଳୀଳ ଚିତ୍ର ସହ ହିନ୍ଦୁ ଦେବଦେବୀଙ୍କ ନାମର ଅପବ୍ୟବହାରକୁ ନବରଙ୍ଗପୁର ହିନ୍ଦୁ ଏକତା ବାହିନୀ ବିରୋଧ କରିଛି। ଏ ନେଇ ହିନ୍ଦୁ ଏକତା ବାହିନୀ ପକ୍ଷରୁ ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଛି। ଥ୍ରୀଲରର ଟ୍ରେଲର ୟୁଟ୍ୟୁବରେ ଅପ୍‌ଲୋଡ୍ ହୋଇଛି। ଉକ୍ତ ସିନେମାର ଅଭିନେତା ରକ୍‌କୋଟି ଓ ଅଭିନେତ୍ରୀ ଅପ୍‌ସରା ରାନୀଙ୍କ ଦ୍ୱାରା ଅଶ୍ଳୀଳ ଅଙ୍ଗ ପ୍ରଦର୍ଶନ ସହ ହିନ୍ଦୁ ଦେବଦେବୀ, ରାମ, କୃଷ୍ଣ, ଶିବ, ଶମ୍ଭୁ ଓ ହରିଓମ୍ ଆଦି ଶବ୍ଦର ଅପବ୍ୟବହାର କରାଯାଇଥିବା ଅଭିଯୋଗରେ କୁହାଯାଇଛି। ଏହି ଭିଡିଓକୁ ୟୁଟ୍ୟୁବ୍‌ରୁ ହଟାଇ ଏହି ଦୃଶ୍ୟକୁ ସିନେମାରୁ ବାଦ୍ ଦେବାକୁ ସେମାନେ ଦାବି କରିଛନ୍ତି। ନିର୍ଦ୍ଦେଶକ ରାମଗୋପାଳ ବର୍ମା, ଅଭିନେତା ଓ ଅଭିନେତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ହିନ୍ଦୁ ଏକତା ବାହିନୀର ଗୌରୀ ସାହୁ, ଅନନ୍ତ ପଣ୍ଡା, ବାବୁଲା ଭତରା, ସୁମିତ ପୂଜାରୀ, ରବି କୁମାର ଓ ସନ୍ଦିପ ପ୍ରମୁଖ ନବରଙ୍ଗପୁର ଥାନାକୁ ଯାଇ ଏତଲା ଦେଇଛନ୍ତି।

## ତ୍ୱରାନ୍ୱିତ ହେବ ଆଣ୍ଟିଜେନ୍ ଟେଷ୍ଟ, ଗୃହ ସଙ୍ଗରୋଧ ବ୍ୟବସ୍ଥା

ରାୟଗଡ଼ା ଅଫିସ, ୧୩।୮:



ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା, କୋରାପୁଟ ଏମ୍‌ପି, ରାୟଗଡ଼ା ଜିଲାପାଳଙ୍କ ସହ ଅନ୍ୟମାନେ।

- ରାୟଗଡ଼ାରେ କରୋନା ପରିଚାଳନା ନେଇ ମିଳିତ ସମୀକ୍ଷା
- ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ସଂକ୍ରମିତ ଗୃହ ସଙ୍ଗରୋଧରେ ରହି ସୁସ୍ଥ ହୋଇଛନ୍ତି

ରାୟଗଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପଜିଟିଭ ସଂଖ୍ୟା ବୃଦ୍ଧିରେ ଜିଲା ଷଷ୍ଠ ସ୍ଥାନରେ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେଣୁ ଜିଲାରେ କରେନା ପରିଚାଳନା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଗୁରୁବାର ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷଠାରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ଡିଆର୍‌ଡିଏ ପିଡି ତଥା ନୋଡାଲ୍ ଅଧିକାରୀ ଅମ୍ରିତ୍ ଋତୁରାଜ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥିତ ରହି ଜିଲାରେ କୋଭିଡ୍ ପରିଚାଳନା ଏବଂ ଏହାର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ରାୟଗଡ଼ା ଜିଲାରେ ମଧ୍ୟ ଆଣ୍ଟିଜେନ୍ ଟେଷ୍ଟ ଏବଂ ହୋମ୍ ଆଇସୋଲେଶନକୁ ଅଧିକ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ଡିପିଏମ ରାଜେଶ୍ୱର ରାଓ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ,କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ - ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାମ୍ପିନ୍, ଭୁବନେଶ୍ୱର
9773820765
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
9910560681

